# NATIONAL NEWS BULLETIN (ODIA)

## 10th August - 2025

## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ କରିବା ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି କହିଲେ ପ୍ରଧାନମନ୍ତ୍ରୀ ।

— ବେଙ୍ଗାଲୁରୁଠାରେ ୨୨ ହଜାର ୮ ଶହ କୋଟି ଟଙ୍କା ମୂଲ୍ୟର ମେଟ୍ରୋ ପ୍ରକଳ୍ପର କଲେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

- ସାଂସଦମାନଙ୍କ ନିମନ୍ତେ ଆସନ୍ତାକାଲି ୧୮୪ଟି ନବନିର୍ମିତ ବହୁତଳ ପ୍ରାସାଦ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ରାଜସ୍ଥାନରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ କୃଷକଙ୍କୁ ଆସନ୍ତାକାଲି ଶସ୍ୟବୀମା ପ୍ରଦାନ କରିବେ କୃଷିମନ୍ତ୍ରୀ ।
- ପରିବେଶକୈନ୍ଦ୍ରିକ ସଂରକ୍ଷଣ ଢାଞ୍ଚା ତ୍ୱରାନ୍ୱିତ ଲକ୍ଷ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ସିଂହ ଦିବସ ।

ଏବଂ

- ଜାପାନର କିରିସିମା ପାର୍ବତ୍ୟାଞ୍ଚଳର ଆଗ୍ନେୟଗିରିରୁ ଲାଭା ଉଦ୍‌ଗୀରଣ; ସତର୍କ ସୂଚନା ଜାରି ।

# ପି.ଏମ୍. - ବେଙ୍ଗାଲୁରୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି’ ଭାରତବାସୀଙ୍କ ସହଯୋଗରେ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ କରିବା ଦିଗରେ ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି କହିଛନ୍ତି । ବେଙ୍ଗାଲୁରୁଠାରେ ନମୋ ମେଟ୍ରୋ ଟ୍ରେନ୍‌ର ତୃତୀୟ ପର୍ଯ୍ୟାୟ ଉଦ୍‌ଘାଟନ କରି ସେ କହିଛନ୍ତି, ତାଙ୍କ ସରକାର ଭାରତକୁ ସଂସ୍କାର, ଦକ୍ଷତା ଏବଂ ରୂପାନ୍ତରୀକରଣ ଜରିଆରେ ବିକଶିତ ରାଷ୍ଟ୍ରରେ ପରିଣତ କରିବାପାଇଁ ପଦକ୍ଷେପ ନେଉଛନ୍ତି । ସେ କହିଛନ୍ତି, ଭାରତର ଅର୍ଥନୀତି ସମ୍ପ୍ରତି ପଞ୍ଚମ ବୃହତ୍ତମ ଏବଂ ଦ୍ରୁତତମ ଅର୍ଥନୀତିରେ ପହଞ୍ଚିଛି । ସେହିପରି ମେଟ୍ରୋ ରେଳବ୍ୟବସ୍ଥା ୫ଟି ସହରରୁ ଏବେ ୨୪ଟି ସହର ପର୍ଯ୍ୟନ୍ତ ବ୍ୟାପିଛି । ମେଟ୍ରୋ ନେଟୱାର୍କ ବ୍ୟବସ୍ଥା ଦିଗରେ ଏହା ବିଶ୍ୱର ତୃତୀୟ ବୃହତ୍ତମ ରାଷ୍ଟ୍ର ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।  ପ୍ରଧାନମନ୍ତ୍ରୀ ଆଜି ବେଙ୍ଗାଲୁରୁଠାରେ ୨୨ ହଜାର ୮ ଶହ କୋଟି ଟଙ୍କା ମୂଲ୍ୟର ମେଟ୍ରୋ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ ।

ବେଙ୍ଗାଲୁରୁଠାରେ ଆଜି ଶ୍ରୀ ମୋଦି ବେଙ୍ଗାଲୁରୁ-ବେଲାଗାଭି ମଧ୍ୟରେ ବନ୍ଦେଭାରତ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି । ସେ ମଧ୍ୟ ଅମୃତସର-କଟ୍ରା ଏବଂ ନାଗପୁର-ପୁଣେ ମଧ୍ୟରେ ବନ୍ଦେ ଭାରତ ଟ୍ରେନ୍‌ସେବାକୁ ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି । ଏହି ବନ୍ଦେଭାରତ ଏକ୍ସପ୍ରେସ୍ ଟ୍ରେନ୍‌ଗୁଡ଼ିକରେ ଯାତ୍ରୀମାନଙ୍କୁ ଆରାମଦାୟକ ସେବା ଯୋଗାଇଦେବା ଲକ୍ଷ୍ୟରେ ବିଶ୍ୱସ୍ତରୀୟ ସମସ୍ତ ସୁବିଧା କରାଯାଇଛି । ବେଙ୍ଗାଲୁରୁ-ବେଲାଗାଭି ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ଯୋଗୁଁ ଉତ୍ତର କର୍ଣ୍ଣାଟାକ ଏବଂ ରାଜ୍ୟ ରାଜଧାନୀ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇ ପାରିବ ।

***Voice (PM)*** :........

## ବନ୍ଦେ ଭାରତ - ମହାରାଷ୍ଟ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ନାଗପୁର-ପୁଣେ ବନ୍ଦେ ଭାରତ ଏକ୍ସପ୍ରେସ୍ ଏବଂ ଅନ୍ୟ ଦୁଇଟି ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି । ନାଗପୁର କେନ୍ଦ୍ରୀୟ ରେଳଷ୍ଟେସନ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ ଯୋଗ ଦେଇଥିଲେ । ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ଫଡ଼ନବୀଶ

କହିଛନ୍ତି, ବିଦର୍ଭରୁ ପୁଣେକୁ ଯାତ୍ରା କରୁଥିବା ଯାତ୍ରୀଙ୍କ ସଂଖ୍ୟା ଅଧିକ ଥିବାରୁ ଏବଂ ଘରୋଇ ଯାନବାହନରେ ଯାତ୍ରାଖର୍ଚ୍ଚ ଅଧିକ ରହୁଥିବାରୁ ଏହାକୁ ଦୃଷ୍ଟିରେ ରଖି ନୂତନ ଟ୍ରେନ୍ ଚଳାଚଳ ନିମନ୍ତେ ପଦକ୍ଷେପ ନିଆଯାଇଛି । ଟ୍ରେନ୍‌ରେ ଯାତ୍ରାଦ୍ୱାରା ଯାତ୍ରାସମୟକୁ ମଧ୍ୟ ସଙ୍କୁଚିତ କରାଯାଇପାରିବ ବୋଲି ସେ କହିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ନାଗପୁର-ପୁଣେ ଟ୍ରେନ୍ ଚଳାଚଳ ଆରମ୍ଭ ନିମନ୍ତେ ରେଳମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା । କେନ୍ଦ୍ର ସରକାରଙ୍କଦ୍ୱାରା ଏ ଦିଗରେ ସକାରାତ୍ମକ ପଦକ୍ଷେପ ନିଆଯିବାଦ୍ୱାରାଏହି ଟ୍ରେନ୍ ଚଳାଚଳ ସମ୍ଭବପର ହୋଇପାରିଛି ବୋଲି ଶ୍ରୀ ଫଡ଼ନବୀଶ କହିଛନ୍ତି ।

ଦେଶରେ ଚଳାଚଳ କରୁଥିବା ସମସ୍ତ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ଠାରୁ ନାଗପୁର-ପୁଣେ ବନ୍ଦେ ଭାରତ ଏକ୍ସପ୍ରେସ୍ ଦୀର୍ଘତମ ଦୂରତା ଅତିକ୍ରମ କରିବ । ନାଗପୁରରୁ ପୁଣେ ଯାତ୍ରା ମାତ୍ର ୧୨ ଘଣ୍ଟା ସମୟ ଲାଗିବ ବୋଲି ସୂଚନା ଦିଆଯାଇଛି । ଟ୍ରେନ୍‌ଟି ୱାର୍ଦ୍ଧା, ବଦ୍‌ନେରା, ଆକୋଲା, ଭୁସାୱାଲ୍, ଜଲଗାଓଁ, ମନ୍‌ମାଡ଼୍, କୋପାରଗାଓଁ, ଅହିଲ୍ୟାନଗର, ଦୌଣ୍ଡ ଆଦି ଷ୍ଟେସନଗୁଡ଼ିକରେ ରହଣି କରିବ ।

## ପି.ଏମ୍. - ଏମ୍.ପି. ଫ୍ଲାଟ୍‌ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀର ବାବା ଖରକ ସିଂହ ମାର୍ଗଠାରେ ସାଂସଦମାନଙ୍କ ନିମନ୍ତେ ୧୮୪ଟି ନବନିର୍ମିତ ଟାଇପ୍-୭ ବହୁତଳ ପ୍ରାସାଦର ଉଦ୍‌ଘାଟନ କରିବେ । ଏହି ଆବାସିକ ପରିସରରେ

ପ୍ରଧାନମନ୍ତ୍ରୀ ଅପରେସନ ସିନ୍ଦୂରର ସ୍ମାରକୀସ୍ୱରୂପ ଚାରାରୋପଣ କରିବେ । ପ୍ରଧାନମନ୍ତ୍ରୀ ଏହି ଅବସରରେ ସମବେତ ଜନତା ଏବଂ ଶ୍ରମଜୀବୀମାନଙ୍କ ସହ ଆଲୋଚନା କରିବେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଜାରି ବିବୃତ୍ତିରେ କୁହାଯାଇଛି, ୫ହଜାର ବର୍ଗଫୁଟ ପରିମିତ ଅଞ୍ଚଳରେ ଉଭୟ ଆବାସିକ ଏବଂ କାର୍ଯ୍ୟାଳୟ ରହିବ । ଏହିସବୁ ଭବନଗୁଡ଼ିକ ଭୂକମ୍ପ ନିରୋଧି ଏବଂ ଆଧୁନିକ ଡିଜାଇନ୍‌ରେ ନିର୍ମିତ ହୋଇଛି ।  ଆବାସଗୁଡ଼ିକରେ ସାସଂଦ ମାନଙ୍କ ନିମନ୍ତେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଯୋଗାଇଦେବାର ବନ୍ଦୋବସ୍ତ କରାଯାଇଛି । ସାଂସଦମାନଙ୍କ ନିମନ୍ତେ ପର୍ଯ୍ୟାପ୍ତ ଗୃହର ଅଭାବ ପରିଲକ୍ଷିତ ହୋଇଥିବା କାରଣରୁ ଏହି ପ୍ରକଳ୍ପ ନିର୍ମାଣର ଆବଶ୍ୟକତା ଦେଖାଦେଇଥିଲା ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଶିବରାଜ - ଫାର୍ମର୍ସ କ୍ରପ୍ କ୍ଲେମ୍ସ

କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆସନ୍ତାକାଲି ରାଜସ୍ଥାନର ଝୁନ୍‌ଝୁନୁଠାରେ ୩୦ ଲକ୍ଷରୁ ଉର୍ଦ୍ଧ୍ୱ କୃଷକଙ୍କୁ ୩ ହଜାର ୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଶସ୍ୟବୀମା ପ୍ରଦାନ କରିବେ । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଏହି ଅର୍ଥ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ମାଧ୍ୟମରେ କୃଷକମାନଙ୍କ ବ୍ୟାଙ୍କ ଜମାଖାତାକୁ ପ୍ରେରଣ କରାଯିବ ।

କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶର କୃଷକମାନେ ମଧ୍ୟ  ୧ ହଜାର ୧୫୬ କୋଟି ଟଙ୍କା, ରାଜସ୍ଥାନର କୃଷକ ୧ ହଜାର ୧୨୧ କୋଟି ଟଙ୍କା, ଛତିଶଗଡ଼ର କୃଷକ ୧୫୦ କୋଟି ଟଙ୍କା ଏବଂ ଅନ୍ୟ ରାଜ୍ୟର କୃଷକମାନେ ୭୭୩ କୋଟି ଟଙ୍କା ପାଇବେ । କାର୍ଯ୍ୟକ୍ରମରେ ଝୁନ୍‌ଝୁନୁ, ସିକାର, ଜୟପୁର, କୋଟପୁଟି-ବେହରୋର୍ ଏବଂ ଅନ୍ୟ ଜିଲ୍ଲାଗୁଡ଼ିକର କୃଷକମାନେ ଯୋଗଦେବେ । ଆଭାସୀ ମାଧ୍ୟମରେ ମଧ୍ୟ ଦେଶର ବିଭିନ୍ନ ଭାଗର କୃଷକମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ।

## ଭୂପେନ୍ଦ୍ର ଯାଦବ - ଗୁଜରାଟ

ବିଶ୍ୱର ବିଭିନ୍ନ ସ୍ଥାନରେ ଆଜି ବିଶ୍ୱ ସିଂହ ଦିବସ ପାଳିତ ହେଉଛି । ଏହି ଅବସରରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ 'ପରିବେଶଗତ ପଦକ୍ଷେପ ଦିଗରେ ଭାରତର ବିଶ୍ୱ ନେତୃତ୍ୱ' ଉପରେ ଆଜି ଗୁରୁତ୍ୱାରୋପ କରିଛନ୍ତି । ଗୁଜରାଟର ଦେବଭୂମି ଦ୍ୱାରକାଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ସିଂହ ଦିବସ ପାଳନ ଉତ୍ସବରେ ଯୋଗଦେଇ ଶ୍ରୀ ଯାଦବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଦ୍ୱାରା ସିଂହ ସଂରକ୍ଷଣ ନେଇ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଭାରତରେ ପରିବେଶକୈନ୍ଦ୍ରିକ ସଂରକ୍ଷଣ ଢାଞ୍ଚାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ସିଂହ, ବାଘ ଓ ଚିତା ପ୍ରକଳ୍ପ ହାତକୁ

ନିଆଯାଇଛି । ଶ୍ରୀ ଯାଦବ କହିଛନ୍ତି, ସିଂହମାନଙ୍କ ଆବାସସ୍ଥଳ ଭାବରେ ଗୁଜରାଟର ବରଦା ଅଞ୍ଚଳ ଦ୍ୱିତୀୟ ସ୍ଥାନରେ ରହିଛି ।

***Voice (Bhupindra)*** :.........

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍ ୧୭୯ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ସେ କହିଛନ୍ତି, ଗୁଜରାଟର ସିଂହ ଦେଶର ଗର୍ବ ଓ ଗୌରବର ପ୍ରତୀକ । ୨୦୨୫ ମସିହା ସିଂହଗଣନା ଅନୁଯାୟୀ ଗୁଜରାଟରେ ୮୯୧ଟି ସିଂହ ରହିଥିବା ରେକର୍ଡ଼ କରାଯାଉଛି ।

## ମାଣ୍ଡଭୀୟ - ଫିଟ୍ ଇଣ୍ଡିଆ

କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ମନସୁଖ ମାଣ୍ଡବୀୟ  କହିଛନ୍ତି ସଣ୍ଡେଜ ଅନ୍ ସାଇକେଲ ପଦକ୍ଷେପ ଦେଶବ୍ୟାପୀ ଫିଟ୍ ଇଣ୍ଡିଆ ଅଭିଯାନକୁ ତ୍ୱରାନ୍ୱିତ କରିଛି । ନୂଆଦିଲ୍ଲୀ ଠାରେ ଆଜି ସଣ୍ଡେଜ ଅନ୍ ସାଇକେଲ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ମନ୍ତ୍ରୀ ଡକ୍ଟର ମାଣ୍ଡବୀୟ କହିଛନ୍ତି ଏପର୍ଯ୍ୟନ୍ତ ଦେଶବ୍ୟାପୀ ପଞ୍ଚାୟତ ସ୍ତରୀୟ ପ୍ରତିନିଧି ୫୦ହଜାରରୁ ଅଧିକ ଗ୍ରାମରେ ଫିଟ୍ ଇଣ୍ଡିଆ ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇ ପାରିଛନ୍ତି । ଗାଁଗୁଡ଼ିକ ମଧ୍ୟରେ

ସହାବସ୍ଥାନ ବୃଦ୍ଧି କରିବାରେ ମଧ୍ୟ ଏହି ଅଭିଯାନ ବିଶେଷ ସହାୟକ ହୋଇପାରିଛି ବୋଲି ସେ କହିଛନ୍ତି ।

## ଜାପାନ - ଭଲ୍କାନୋ

ଜାପାନରେ ଆଜି ସକାଳେ କିରିସିମା ପାର୍ବତ୍ୟାଞ୍ଚଳ ଅନ୍ତର୍ଗତ ଶିନ୍‌ମୋଏଡାକ ଆଗ୍ନେୟଗିରିରୁ ଉଦ୍‌ଗୀରଣ ହୋଇଛି । ସେଠାରୁ ନିର୍ଗତ ପାଉଁଶ ମିଶ୍ରିତ ଲାଭା ୩ କିଲୋମିଟରରୁ ଊର୍ଦ୍ଧ୍ୱ ଅଞ୍ଚଳ ବ୍ୟାପିଯାଇଛି । ଜାପାନର ପାଣିପାଗ ସଂସ୍ଥା ପକ୍ଷରୁ ଏନେଇ ସତର୍କ ସୂଚନା ଜାରି କରାଯାଇଛି । ମିୟାଜାକିର କୋବାୟାଶି ଏବଂ ତାକାହାରୁ ଆଗ୍ନେୟଗିରିରୁ ମଧ୍ୟ ଉଦ୍‌ଗୀରଣ ହେବା ସହ କାଗୋଶିମାର କିରିଶିମା ଆଗ୍ନେୟଗିରିରୁ ଲାଭା ନିର୍ଗତ ହେବାର ସମ୍ଭାବନା ରହିଥିବା ସୂଚନା ଦିଆଯାଇଛି ।  ସେହିପରି ଉତ୍ତର-ପୂର୍ବ ଭାଗରେ ପ୍ରାୟ ୧୪ କିଲୋମିଟର ଅଞ୍ଚଳରେ ରହିଥିବା ଛୋଟ ଛୋଟ ଆଗ୍ନେୟଗିରିରୁ ମଧ୍ୟ ଉଦ୍‌ଗୀରଣ ହେବାର ଆଶଙ୍କା ରହିଛି । ସେହି ଅଞ୍ଚଳ ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ବସବାସ କରୁଥିବା ଲୋକମାନଙ୍କୁ ସତର୍କ ରହିବା ଲାଗି ଜାପାନ ପାଣିପାଗ ସଂସ୍ଥା ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଜେ.କେ. ହର୍ ଘର୍ ତ୍ରିରଙ୍ଗା

ଜମ୍ମୁ-କାଶ୍ମୀରର କାଶ୍ମୀର ଅଞ୍ଚଳରେ ଗତ ସପ୍ତାହରୁ ଆରମ୍ଭ ହୋଇଥିବା ଆଜାଦୀ କା ଅମୃତ ମହୋତ୍ସବ ଏବଂ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ସୁରୁଖୁରୁରେ ଚାଲିଛି । ଜାତୀୟ ଅଭିଯାନରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଦୋଶାତ୍ମବୋଧକ ଏବଂ ଭ୍ରାତୃଭାବନା ଜାଗ୍ରତ ଦିଗରେ କାର୍ଯ୍ୟକ୍ରମମାନ ପ୍ରଦର୍ଶନ କରୁଛନ୍ତି । ଯୁବସେବା ଓ କ୍ରୀଡ଼ା, ଶିକ୍ଷା, ଜଳଶକ୍ତି, ପୋଷଣ ଆଦି ବିଭିନ୍ନ ସଙ୍ଗଠନ ପକ୍ଷରୁ ତ୍ରିରଙ୍ଗା ର୍ୟାଲିର ଆୟୋଜନ କରାଯାଇଛି । ଜମ୍ମୁ-କାଶ୍ମୀର ପୁଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ର୍ୟାଲି କରାଯାଉଛି ।

## ଗ୍ଲୋବାଲ୍ ପ୍ଲାଷ୍ଟିକ୍ ଟ୍ରିଟି

ପ୍ଲାଷ୍ଟିକ୍ ପ୍ରଦୂଷଣକୁ ରୋକିବା ନିମନ୍ତେ ଜେନେଭାଠାରେ ବିଶ୍ୱଚୁକ୍ତି ଗଠନ ଲାଗି ୧୮୪ଟି ରାଷ୍ଟ୍ର ସମ୍ମିଳିତ ହୋଇଛନ୍ତି । ପ୍ଲାଷ୍ଟିକ ପ୍ରଦୂଷଣ ଉପରେ ଏକ ଅନ୍ତର୍ଜାତୀୟ ଆଇନଗତ ବାଧ୍ୟତାମୂଳକ ବ୍ୟବସ୍ଥା ବିକଶିତ କରିବାପାଇଁ ଜେନେଭାଠାରେ ଆନ୍ତଃ ସରକାରୀ ଆଲୋଚନା କମିଟିର ପଞ୍ଚମ ଅଧିବେଶନ ଚାଲିଛି । ପ୍ରଶାନ୍ତ ମହାସାଗରୀୟ କ୍ଷୁଦ୍ର ଦ୍ୱୀପ ବିକାଶଶୀଳ ରାଜ୍ୟର ଏକ

ଶକ୍ତିଶାଳୀ ପ୍ରତିନିଧିମଣ୍ଡଳି ମଧ୍ୟ ଏହି କମିଟିରେ ସାମିଲ୍ କରିବାପାଇଁ କାର୍ଯ୍ୟ କରୁଛି ।

## ୱିମେନ୍ ଫୁଟ୍‌ବଲ୍

ଭାରତର ୨୦ ବର୍ଷରୁ କମ୍ ମହିଳା ଫୁଟ୍‌ବଲ୍ ଦଳ ଏ.ଏଫ୍.ସି. ମହିଳା ଏସିଆ କପ୍-୨୦୨୬ରେ ନିଜର ସ୍ଥାନ ଅକ୍ତିଆର କରିଛି । ୟାଙ୍ଗୁନ୍‌ଠାରେ ଚାଲିଥିବା ଫୁଟ୍‌ବଲ୍ ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ ମ୍ୟାଁମାରକୁ ୧-୦ ଗୋଲ୍‌ରେ ପରାସ୍ତ କରି ବିଜୟ ହାସଲ କରିଛି । ମହିଳା ଏସିଆ କପ୍ - ୨୦୨୬ ପ୍ରତିଯୋଗିତାରେ ଆୟୋଜକ ଥାଇଲାଣ୍ଡ ଦଳ ଯୋଗ୍ୟତା ହାସଲ କରିଛି । ୧୨ଟି ଦଳ ମଧ୍ୟରୁ ଅବଶିଷ୍ଟ ୧୧ଟି ଦଳ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ବିଜୟ ହାସଲ ପରେ ପ୍ରତିଯୋଗିତାରେ ଭାଗ ନେବେ ।

*****